# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 December - 2024

### News Editor : Tapan Kumar Maharana

***********************************

## ମୁଖ୍ୟ ସମ୍ବାଦ

- ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଶେଷ ଦିନରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଦେଶର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଚାଲିଛି ଆଲୋଚନା
- ଆୟୁଷ୍ମାନ ଭାରତ ଏବଂ ଗୋପବନ୍ଧୁ ଆରୋଗ୍ୟ ଯୋଜନା ଖୁବ୍ ଶୀଘ୍ର ରାଜ୍ୟରେ ଲାଗୁ କରାଯିବା ନେଇ ସରକାରଙ୍କ ନିଷ୍ପତ୍ତି
- ନୌସେନା ଦିବସ ପାଳନ ପୂର୍ବରୁ ପୁରୀ ବ୍ଲୁ-ଫ୍ଲାଗ୍ ବିଚ୍‌ରେ ଆଜିଠାରୁ ଆରମ୍ଭ ହେଲା ସମରାଭ୍ୟାସ

ଏବଂ

- 'ଉଚିତ ମାର୍ଗ ଚୟନ କର- ମୋ ସ୍ୱାସ୍ଥ୍ୟ ମୋ ଅଧିକାର'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଏଡ୍‌ସ୍ ଦିବସ

## ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ

ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଦେଶର ସୁରକ୍ଷାକୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ଚାଲିଛି। ବୈଠକରେ ଜାତୀୟ ସୁରକ୍ଷାକୁ ନେଇ ଏକ ଖସଡା ପ୍ରସ୍ତୁତ କରାଯିବା ସହ ଆତଙ୍କବାଦ ଓ ମାଓବାଦୀ ମୁକାବିଲା, ଅନ୍ତର୍ଜାତୀୟ ସୀମା ଓ ଉପକୂଳ ସୁରକ୍ଷା, ସାଇବର ଅପରାଧ ଏବଂ ବେଆଇନ ନିଶା ଦ୍ରବ୍ୟ କାରବାରକୁ ରୋକିବା ଲାଗି ରଣନୀତି ପ୍ରସ୍ତୁତ କରାଯାଉଛି। ପୁଲିସ ତଦନ୍ତରେ ନୂତନ ଜ୍ଞାନକୌଶଳ ଓ ପୁଲିସଙ୍କ ଉତ୍ତମ ବ୍ୟବହାର ନେଇ ଆଲୋଚନା ହୋଇଥିବା ଜଣାପଡିଛି। ବୈଠକରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଶ ସୁରକ୍ଷା ସଂକ୍ରାନ୍ତୀୟ ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଛନ୍ତି ।

ସୂଚନା ଅନୁସାରେ, ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀରେ ଯୋଗଦେବା ପାଇଁ ଗତ ଶୁକ୍ରବାରଠାରୁ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଏବଂ ଗୋପବନ୍ଧୁ ଆରୋଗ୍ୟ ଯୋଜନା ମିଳିତ ଭାବେ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଡ ଦିଆଯିବ। ଦେଶର ୨୭ ହଜାର ଡାକ୍ତରଖାନାରେ ସ୍ୱାସ୍ଥ୍ୟକାର୍ଡ ଜରିଆରେ ଚିକିତ୍ସା ସୁବିଧା ମିଳିପାରିବ।

**- V/O –**

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ବିଧାନସଭା ଚାଲିଥିବାରୁ ଚଳିତମାସର ସୋମବାର ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ, ଚଳିତ ମାସ ୨, ୯, ୧୬, ୨୩ ଓ ୩୦ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ।

## ରାଷ୍ଟ୍ରଗଠନରେ ଶିକ୍ଷକଙ୍କ ଭୂମିକା

ସମାଜ ଓ ରାଷ୍ଟ୍ର ଗଠନରେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶକୁ ଉନ୍ନତି ପଥରେ ଆଗେଇ ନେବାରେ ଶିକ୍ଷକଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଶିକ୍ଷାମନ୍ତ୍ରୀ କହିଛନ୍ତି, ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଦ୍ୱାରା ଦେଶର ଯୁବଶକ୍ତିକୁ ଆତ୍ମନିର୍ଭର କରିବାରେ ଏକ ବଳିଷ୍ଠ ପଦକ୍ଷେପ।

## ନୌସେନା ଦିବସ

ପୁରୀ ବେଳାଭୂମିରେ ପ୍ରଥମ ଥର ପାଇଁ ଚଳିତମାସ ୪ ତାରିଖରେ ଭାରତୀୟ ନୌସେନା ଦିବସ ପାଳନ କରାଯିବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ନୌସେନା ଦିବସ ପାଳନ ପୂର୍ବରୁ ପୁରୀ ବେଳାଭୂମିରେ ନୌସେନାର ସମରାଭ୍ୟାସ ଚାଲିଛି। ନୌସେନାର ୨୫ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜ ଏବଂ ହେଲିକପ୍ଟର ସମରାଭ୍ୟାସରେ ସାମିଲ କରାଯାଇଛି। ଚିଲିକାସ୍ଥିତ ଭାରତୀୟ ନୌସେନାବାହିନୀର କମୋଡର ଏବଂ କମାଣ୍ଡିଙ୍ଗ ଅଫିସର ଦୀପକ ଅନିଲ ଆକାଶବାଣୀକୁ କହିଛନ୍ତି।

**- V/O -**

ନୌସେନା ପକ୍ଷରୁ ୨୦ ପ୍ରକାରର ଯୁଦ୍ଧକୌଶଳ ପ୍ରଦର୍ଶନ କରାଯିବ। ନୌସେନା ଯୋଦ୍ଧାମାନେ ଆକାଶରେ ମିଗ୍-୨୯ ଯୁଦ୍ଧବିମାନର କୌଶଳ ପ୍ରଦର୍ଶନ କରିବେ। ଏଥିସହ ନୌସେନାର ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ବେଳାଭୂମିରେ ଅପରେସନ୍ କରିବେ। ନୌସେନାର ସମରାଭ୍ୟାସକୁ ଦେଖିବା ପାଇଁ ଲକ୍ଷାଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି।

ସୁରକ୍ଷା ଦୃଷ୍ଟିରୁ ପୁରୀ ବଡଦାଣ୍ଡ ସମେତ ସହରର ଅନ୍ୟ କେତେକ ସ୍ଥାନରେ ଆଜିଠାରୁ ଗୁରୁବାର ପର୍ଯ୍ୟନ୍ତ କଟକଣା ଲାଗୁ ରହିବ ।

## କୋଣାର୍କ ଉତ୍ସବ

କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ୩୫ତମ କୋଣାର୍କ ଉତ୍ସବ ଆରମ୍ଭ ହେଉଛି । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପାଞ୍ଚଦିନ ଧରି ଏହି ଉତ୍ସବ ଚାଲିବ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଦେଶ ଏବଂ ବିଦେଶର କଳାକାରମାନେ ଓଡିଶୀ, କଥକ, ମଣିପୁରୀ, ଭାରତନାଟ୍ୟମ୍ ଆଦି ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିବେ । ଚନ୍ଦ୍ରଭାଗା ବେଳାଭୂମିରେ ଆଜିଠାରୁ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ମଧ୍ୟ ଆରମ୍ଭ ହେଉଛି ।

## ଇକୋ ରିଟ୍ରିଟ୍

ରାଜ୍ୟର ୬ଟି ସ୍ଥାନରେ ଆଜିଠାରୁ ଇକୋ ରିଟ୍ରିଟ୍ ଆରମ୍ଭ ହେଉଛି । ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲ୍ଲାର ପୁଟସିଲ, ଗଞ୍ଜାମର ସୁନାପୁର, ଭିତରକନିକା, ଦାରିଙ୍ଗିବାଡି, ସାତକୋଶିଆ ଓ ହୀରାକୁଦରେ ଆଜିଠାରୁ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଦ୍ୱିତୀୟ ପର୍ଯ୍ୟାୟରେ ଡିସେମ୍ବର ୧୫ ତାରିଖରୁ କୋଣାର୍କର ରାମଚଣ୍ଡୀ ନିକଟରେ ଇକୋ ରିଟ୍ରିଟ୍ ଆରମ୍ଭ ହେବ ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି ।

## ଇପିଏଫ୍‌ଓ ପାଇଁ ଏଟିଏମ୍ ସୁବିଧା

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ-ଇପିଏଫ୍‌ଓର ହିତାଧିକାରୀମାନେ ଏଣିକି ଏଟିଏମ୍ ମାଧ୍ୟମରେ ସିଧାସଳଖ ପିଏଫ୍ ପାଣ୍ଠି ଉଠାଣ ସୁବିଧା ପାଇପାରିବେ। ଆସନ୍ତାମାସ ଜୁନ୍ ମାସରୁ ଏହି ସୁବିଧା ଉପଲବ୍ଧ ହେବ। ଏଟିଏମ୍ ମାଧ୍ୟମରେ କର୍ମଚାରୀ ଜରୁରୀକାଳିନ ପରିସ୍ଥିତିରେ ହିଁ କେବଳ ଟଙ୍କା ଉଠାଇପାରିବେ। ଅବସର ପରେ ବି ଜମାଖାତାରେ ପର୍ଯ୍ୟାପ୍ତ ରାଶି ସୁନିଶ୍ଚିତ ରହିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି।

## ସ୍କୁଲ ସମୟରେ ପରିବର୍ତ୍ତନ

**କୋରାପୁଟ** ଜିଲ୍ଲାରେ ଶୀତର ପ୍ରଭାବ ଅନୁଭୂତ ହେଉଥିବାରୁ ଏବଂ କ୍ରମାଗତ ତାପମାତ୍ରା ହ୍ରାସ ପାଉଥିବା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ ସମୟରେ ପରିବର୍ତ୍ତନ କରାଯାଇଛି। ଜିଲ୍ଲାର ସମସ୍ତ ସ୍କୁଲ ଶନିବାର ଦିନ ସକାଳୁ ଆରମ୍ଭ ନ ହୋଇ ସକାଳ ୧୦ଟାରୁ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଫେବୃୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ରହିବ।

## ବିଦେଶାଗତ ପକ୍ଷୀଙ୍କ ଭିଡ଼

କେନ୍ଦ୍ରାପଡା ଜିଲ୍ଲା ଭିତରକନିକା ଅଭୟାରଣ୍ୟରେ ବିଦେଶାଗତ ପକ୍ଷୀଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି। ଆଗନ୍ତୁକ ପକ୍ଷୀମାନେ ଦଳ ଦଳ ହୋଇ ସାତଭାୟା ଅଂଚଳର ବିସ୍ତୀର୍ଣ୍ଣ ଆଦ୍ରଭୂମି, ଚିଂଚିରି ମୁହାଣ, ରାଇପାଟିଆ, ଗୁପ୍ତି

ଘାଟ ଆଦି ସ୍ଥାନରେ ଦେଖିବାକୁ ମିଳୁଛି । ପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ବନବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ।

## ହାତୀ ଉପଦ୍ରବ

ଗଞ୍ଜାମ ଜିଲ୍ଲା ଖଲିକୋଟ୍ ବନାଞ୍ଚଳର ଭାଲେରୀ ପାହାଡ ଦେଇ ଆସିଥିବା ୨୨ଟିକିଆ ହାତୀପଲ୍ଲ ଖଲିକୋଟ୍ ବ୍ଲକ୍‌ର ଖୋଜାପଲ୍ଲୀ, ଭିକାପଡା ଏବଂ ବାଦପଲ୍ଲୀ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଧାନ ଫସଲ ଏବଂ କଦଳୀ ଚାଷ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଚାଷୀ ଏବଂ ଗ୍ରାମବାସୀଙ୍କ ସୂଚନା ଅନୁସାରେ, ହାତୀମାନେ ଗାଁ ମୁହାଁ ହୋଇଥିବାରୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି ।

## ଏଡ୍‌ସ୍ ସଚେତନତା

‘ଉଚିତ୍ ମାର୍ଗ ଚୟନ କର, ମୋ ସ୍ୱାସ୍ଥ୍ୟ ମୋ ଅଧିକାର’ ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଏଡ୍‌ସ୍ ଦିବସ । ଏଚ୍‌ଆଇଭି ସହିତ ଜୀବନ ନିର୍ବାହ କରୁଥିବା ଲୋକଙ୍କୁ ସମର୍ଥନ ଏବଂ ଏଡ୍‌ସ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ । ତଥ୍ୟ ଅନୁସାରେ, ଅଦ୍ୟାବଧି ପୃଥିବୀରେ ପ୍ରାୟ ୪ କୋଟି ଲୋକ ଏଡ୍‌ସ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬ ଲକ୍ଷ ୩୦ ହଜାରରୁ ଉର୍ଦ୍ଧ୍ୱଙ୍କର ଏହି ରୋଗରେ ମୃତ୍ୟୁ ଘଟିଛି । ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ୨୦୦୨ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜ୍ୟରେ ୬୩

ହଜାରରୁ ଉର୍ଦ୍ଧ୍ୱ ଏଡ୍ସ ରୋଗୀ ଚିହ୍ନଟ ହୋଇଛନ୍ତି । ଚଳିତ ଆର୍ଥିକବର୍ଷରେ ୨ ହଜାର ୪୮୯ ଜଣ ଏଡ୍ସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ଆର୍ଥିକବର୍ଷରେ ଏହି ରୋଗୀଙ୍କ ସଂଖ୍ୟା ୩ ହଜାର ୭୨୬ ଥିଲା। ବିଗତବର୍ଷଗୁଡ଼ିକ ତୁଳନାରେ ଏଡ୍ସ୍ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ଓଡ଼ିଶା ଏଡ୍ସ୍ ନିୟନ୍ତ୍ରଣ ସମିତିର ସୂଚନା ଅନୁସାରେ, ଗଂଜାମ ଓ କଟକ ଜିଲ୍ଲାରେ ସର୍ବାଧିକ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ସବୁଠୁ କମ୍ ଏଡ୍ସ୍ ରୋଗୀ ଅଛନ୍ତି।

ଏଡ୍ସ୍ ସଚେତନତା ବାର୍ତ୍ତା ନେଇ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ଏଡ୍ସ୍ ସଚେତନତା ଶୋଭାଯାତ୍ରା, ଆଲୋଚନାଚକ୍ର ଆୟୋଜନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଉଛି।

**ଭଦ୍ରକ** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନୁଷ୍ଠିତ ଏଡ୍ସ ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଓ ସିଡିଏମ୍ଓ ଡାକ୍ତର ସୁଧାଂଶୁ ଶେଖର ବଳ ଯୋଗଦେଇ ଏଡ୍ସ୍ ରୋଗର ନିରାକରଣ ଦିଗରେ ଜନସାଧାରଣ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। **ରାୟଗଡ଼ା** ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ ଏଡ୍ସ୍ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକର୍ମୀ ଓ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଏଡ୍ସ୍ ସଚେତନତାର ବାର୍ତ୍ତା ପହଞ୍ଚାଇଥିଲେ।

ବିଶ୍ୱ ଏଡ୍‌ସ୍ ଦିବସ ଉପଲକ୍ଷେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ୨୦୩୦ ସୁଦ୍ଧା ଏଡ୍‌ସ୍ ରୋଗକୁ ଶୂନ୍ୟ ସଂକ୍ରମଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । **ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ** ମୁକେଶ ମହାଲିଙ୍ଗ ଏହି ଅବସରରେ ଏଡ୍‌ସ୍ ନିୟନ୍ତ୍ରଣ କରିବା ସହ ଉଭୟ ସ୍ୱାସ୍ଥ୍ୟ ଓ ମାନବିକ ଅଧିକାର ସୁରକ୍ଷା ପାଇଁ ଆଜି ଦିନରେ ଶପଥ ନେବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି ।

*********************************